**କାଲୁରାମ୍ ଏବଂ ଅନ୍ୟଜଣେ**

**ବନାମ**

**ଦିଲ୍ଲୀ ରାଜ୍ୟ**

**ଜୁନ୍ 15, 2006**

**[ଅରିଜିତ ପଶାୟତ ଏବଂ ଅଲ୍ତମାସ୍ କବୀର୍, ନ୍ୟାୟମୂର୍ତ୍ତିଦ୍ୱୟ]**

*କାର୍ଯ୍ୟପଦ୍ଧତି ଏବଂ ପ୍ରକ୍ରିୟା:*

*ଫୌଜଦାରୀ ଆବେଦନ - ଅଭିଯୁକ୍ତଙ୍କ ଦ୍ୱାରା ଦାୟର କରାଯାଇଛି - ସୂଚନାଦାତାଙ୍କ ଦ୍ୱାରା ଦାୟର କରାଯାଇଥିବା ଫୌଜଦାରୀ ପୁନରୀକ୍ଷଣ ଖାରଜ ହେବା ଆଧାରରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ ହୋଇଛି - ଏହା ନିର୍ଣ୍ଣୟ କରାଯାଇଥିଲା ଯେ, ସୂଚନାଦାତାଙ୍କ ଦ୍ୱାରା ଦାୟର କରାଯାଇଥିବା ଫୌଜଦାରୀ ପୁନରୀକ୍ଷଣର ଖାରଜ ହେବା ଅଭିଯୁକ୍ତଙ୍କ ଆବେଦନର ଯୋଗ୍ୟତା ବିଷୟରେ ଆଲୋଚନା ନକରିବା ପାଇଁ ଆଧାର ହୋଇପାରିବ ନାହିଁ - ଉଚ୍ଚ ନ୍ୟାୟାଳୟ ଯୋଗ୍ୟତା ଆଧାରରେ ଆବେଦନକୁ ନୂତନ ଭାବରେ ବିଚାର କରିବେ ।*

**ଆଇପିସି ଧାରା 302/34, 307/34 ଇତ୍ୟାଦି ଅଧୀନରେ ଅପରାଧ ପାଇଁ ଅନ୍ୟମାନଙ୍କ ସହିତ ଆବେଦନକାରୀମାନଙ୍କ ବିରୋଧରେ ଅଭିଯୋଜନ କରାଯାଇଥିଲା । ବିଚାର କରୁଥିବା ନ୍ୟାୟାଳୟ ଆବେଦନକାରୀମାନଙ୍କୁ ଆଇପିସି ଧାରା 304 (ଭାଗ-1)/34 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ଆବେଦନକାରୀମାନେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରି ସେମାନଙ୍କ ଦଣ୍ଡବିଧାନ ଉପରେ ପ୍ରଶ୍ନ ଉଠାଇଥିଲେ । ଆଇପିସି ଧାରା 302 ଅନୁଯାୟୀ ଆବେଦନକାରୀମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କ ନିର୍ଦ୍ଦୋଷରେ ଖଲାସ ହେବାକୁ ନେଇ ପ୍ରଶ୍ନ ଉଠାଇ ସୂଚନାଦାତା ଉଚ୍ଚ ନ୍ୟାୟାଳୟରେ ଏକ ପୁନରୀକ୍ଷଣ ଆବେଦନ ମଧ୍ୟ ଦାୟର କରିଥିଲେ । ଉଚ୍ଚ ନ୍ୟାୟାଳୟ ପ୍ରଥମେ ସୂଚନାଦାତାଙ୍କ ପୁନରୀକ୍ଷଣକୁ ଖାରଜ କରିଦେଇଥିଲେ ଏବଂ ପରେ ଅଭିଯୁକ୍ତଙ୍କ ଆବେଦନକୁ କେବଳ ଏହା ଦର୍ଶାଇ ଖାରଜ କରିଦେଇଥିଲେ ଯେ ପୁନରୀକ୍ଷଣ ଆବେଦନରେ ହୋଇଥିବା ନିର୍ଣ୍ଣୟକୁ ଦୃଷ୍ଟିରେ ରଖିଲେ, ସେହି ଆବେଦନର ମଧ୍ୟ କୌଣସି ଯୋଗ୍ୟତା ନଥିଲା । ବ୍ୟଥିତ ହୋଇ ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ଜଣକ ବର୍ତ୍ତମାନର ଆବେଦନ ଦାୟର କରିଥିଲେ ।**

**ଆବେଦନଟିକୁ ଅନୁମତି ଦେଇ ଏବଂ ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କୁ ପଠାଇ, ନ୍ୟାୟାଳୟ ନିର୍ଣ୍ଣୟ କରିଥିଲେ ଯେ: 1. ଆବେଦନକାରୀମାନଙ୍କ ମାମଲାକୁ ସ୍ୱାଧୀନ ଭାବରେ ଯାଞ୍ଚ କରାଯାଇ ନଥିଲା । କେବଳ ସୂଚନାଦାତାଙ୍କ ଦ୍ୱାରା ଦାୟର କରାଯାଇଥିବା ପୁନରୀକ୍ଷଣ ଆବେଦନ ଖାରଜ ହେବାଟା ଅଭିଯୁକ୍ତଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନର ଯୋଗ୍ୟତା ବିଷୟରେ ଆଲୋଚନା ନକରିବା ପାଇଁ ଏକ ଆଧାର ହୋଇପାରିବ ନାହିଁ । ଏକ ଫୌଜଦାରୀ ପୁନରୀକ୍ଷଣ ଆବେଦନର ହୁଏତ ଯୋଗ୍ୟତା ଥାଇନପାରେ; କିନ୍ତୁ ତାହା ଅଭିଯୁକ୍ତଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନକୁ ଯୋଗ୍ୟତା ବିହୀନ କରିନଥିଲା । ଉଚ୍ଚ ନ୍ୟାୟାଳୟ ଆବେଦନକାରୀମାନଙ୍କ ମାମଲାକୁ ଯୋଗ୍ୟତା ଆଧାରରେ ନୂତନ ଭାବେ ବିଚାର କରିବେ ।**

ଫୌଜଦାରୀ ଆବେଦନ ଅଧିକରିତା: ଫୌଜଦାରୀ ଆବେଦନ ସଂଖ୍ୟା 694/2006 ।

ଫୌଜଦାରୀ ଆବେଦନ ସଂଖ୍ୟା 733/2000 ଏବଂ ଫୌଜଦାରୀ ବିବିଧ ଆବେଦନ ସଂଖ୍ୟା 8854-55/2005 ରେ ନୂଆଦିଲ୍ଲୀସ୍ଥିତ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ 28.7.2005 ଏବଂ 12.9.2005 ର ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ ଏମ୍. ଏନ୍. କ୍ରିଷ୍ଣାମଣି, ପ୍ରଦୀପ କୁମାର ଶର୍ମା ଏବଂ ପ୍ରଶାନ୍ତ ଚୌଧୁରୀ ।

ଉତ୍ତରଦାତାଙ୍କ ତରଫରୁ ଟି. ଏସ୍. ଦୋଆବିଆ, ଅନୀଲ କାଟିୟାର୍ ଏବଂ ଗାର୍ଗୀ ଖାନ୍ନା ।

ନ୍ୟାୟାଳୟଙ୍କ ରାୟ **ନ୍ୟାୟମୂର୍ତ୍ତି ଅରିଜିତ ପଶାୟତଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା । ମଞ୍ଜୁରୀ ପ୍ରଦାନ କରାଗଲା ।

ଆବେଦନକାରୀମାନେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଜଣେ ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଦିଆଯାଇଥିବା ରାୟର ସଠିକତା ଉପରେ ପ୍ରଶ୍ନ ଉଠାଇଛନ୍ତି, ଯିଏକି ଆବେଦନକାରୀମାନଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନକୁ କେବଳ ଏହା ଦର୍ଶାଇ ଖାରଜ କରିଦେଇଥିଲେ ଯେ ସୂଚନାଦାତାଙ୍କ ଦ୍ୱାରା ଦାୟର କରାଯାଇଥିବା ଫୌଜଦାରୀ ପୁନରୀକ୍ଷଣ ଆବେଦନ ସଂଖ୍ୟା 117/2001 କୁ ଖାରଜ କରାଯାଇଛି ଏବଂ ଉକ୍ତ ପୁନରୀକ୍ଷଣ ଓ ଆବେଦନ ସେହି ସମାନ ରାୟ ସହିତ ଜଡ଼ିତ । ଉଲ୍ଲେଖଯୋଗ୍ୟ ଯେ ଆବେଦନକାରୀମାନେ ଅଭିଯୁକ୍ତ ସଂଖ୍ୟା 2 ଏବଂ 3 ଭାବେ

ଭାରତୀୟ ପିଙ୍ଗଳ ସଂହିତା, 1860 (ସଂକ୍ଷେପରେ ଆଇପିସି) ର ଧାରା 34 ସହିତ ପଠିତ ଧାରା 302 ଅନୁଯାୟୀ ଦଣ୍ଡନୀୟ ଅପରାଧ କରିଥିବା ଅଭିଯୋଗରେ ବିଚାରଣର ସମ୍ମୁଖୀନ ହୋଇଥିଲେ ଏବଂ ଅଭିଯୁକ୍ତ ସଂଖ୍ୟା 1, ଅର୍ଥାତ୍ ତେଜ୍ ରାମ୍, ଯାହାଙ୍କର ଇତିମଧ୍ୟରେ ଦେହାନ୍ତ ହୋଇସାରିଛି, ଏବଂ ଅନ୍ୟ କେତେଜଣଙ୍କ, ଯେଉଁମାନଙ୍କ ମଧ୍ୟରୁ କେତେକଙ୍କର ଇତିମଧ୍ୟରେ ମୃତ୍ୟୁ ଘଟିଛି, ବିରୁଦ୍ଧରେ ଆଇପିସି ଧାରା 147, 148, 149 ଏବଂ 307 ଅଧୀନରେ ଅଭିଯୋଗ ହୋଇଥିଲା, ଯେଉଁଥିପାଇଁ ଅଭିଯୁକ୍ତ ସଂଖ୍ୟା 1, 2 ଏବଂ 3 ମଧ୍ୟ ସମାନ ଭାବରେ ଦୋଷାରୋପ ହୋଇଥିଲେ ।

ବିଚାର କରୁଥିବା ନ୍ୟାୟାଳୟ ଏହାର 13.11.2000 ର ରାୟ ଦ୍ୱାରା ନିର୍ଣ୍ଣୟ କରିଥିଲେ ଯେ ଆବେଦନକାରୀ କାଲୁ ରାମ୍ ଏବଂ ରୂପ୍ ଚାନ୍ଦ୍ ଆଇପିସି ଧାରା 34 ସହିତ ପଠିତ ଧାରା 304 ଭାଗ 1 ଅନୁଯାୟୀ ଦଣ୍ଡନୀୟ ଅପରାଧରେ ଦୋଷୀ ଥିଲେ ଏବଂ ପ୍ରତ୍ୟେକଙ୍କୁ ସାତ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ସହିତ 1000/- ଟଙ୍କା ଜୋରିମାନା ଦଣ୍ଡାଦେଶ ଦେଇଥିଲେ ତଥା ଖିଲାପ ସର୍ତ୍ତ ମଧ୍ୟ ଲାଗୁ କରିଥିଲେ । ଅନ୍ୟ ସମସ୍ତ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ । ଆଇପିସି ଧାରା 304 ଭାଗ-1 ଅନୁଯାୟୀ ଆବେଦନକାରୀମାନଙ୍କ ଦଣ୍ଡବିଧାନ ଉପରେ ପ୍ରଶ୍ନ ଉଠାଇ ସୂଚନାଦାତା ରଣଜିତ ସିଂହ ଏକ ପୁନରୀକ୍ଷଣ ଆବେଦନ ଦାୟର କରିଥିଲେ । ତାଙ୍କ ମତରେ, ସେମାନଙ୍କୁ ଆଇପିସି ଧାରା 302 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯିବା ଉଚିତ ଥିଲା ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯିବା ଉଚିତ ନଥିଲା । ଆବେଦନକାରୀମାନେ ସେମାନଙ୍କ ଦଣ୍ଡବିଧାନ ଏବଂ ଦଣ୍ଡାଦେଶ ଉପରେ ପ୍ରଶ୍ନ ଉଠାଇ ଏକ ଆବେଦନ ଦାୟର କରିଥିଲେ । ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ପ୍ରଥମେ ଫୌଜଦାରୀ ପୁନରୀକ୍ଷଣ ଉପରେ ବିଚାର କରିଥିଲେ ଏବଂ ଏହାକୁ ଯୋଗ୍ୟତା ବିହୀନ ବୋଲି କହିଥିଲେ । କିନ୍ତୁ ବର୍ତ୍ତମାନର ଆବେଦନକାରୀମାନଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନର ଯୋଗ୍ୟତା ଉପରେ ବିଚାର ନକରି, ସେ ତାହାକୁ ଏହା କହି ଖାରଜ କରିଦେଇଥିଲେ ଯେ ଫୌଜଦାରୀ ପୁନରୀକ୍ଷଣ ଆବେଦନ ସଂଖ୍ୟା 117/2001 ରେ ପ୍ରଦାନ କରାଯାଇଥିବା ନିର୍ଣ୍ଣୟକୁ ଦୃଷ୍ଟିରେ ରଖିଲେ ଆବେଦନଟି ମଧ୍ୟ ଯୋଗ୍ୟତା ବିହୀନ ଥିଲା ।

ଆବେଦନକାରୀମାନଙ୍କ ତରଫରୁ ବିଜ୍ଞ ଓକିଲ କହିଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କ ଆଭିମୁଖ୍ୟ ସ୍ପଷ୍ଟ ଭାବରେ ତ୍ରୁଟିଯୁକ୍ତ ଅଟେ । ଏହା ଆବେଦନକାରୀମାନଙ୍କ ତରଫରୁ ବିଜ୍ଞ ଓକିଲଙ୍କୁ ଶୁଣି ନଥିଲେ । ଅପରପକ୍ଷେ, ରାୟରେ ଏହା ସୂଚିତ କରାଯାଇଛି ଯେ ଆବେଦନକାରୀମାନେ ଯେପରି ଶ୍ରୀ ରାଜେଶ ଅଗ୍ରୱାଲ ଏବଂ ସୁଶ୍ରୀ ମ୍ରିଦୁଲ ଅଗ୍ରୱାଲଙ୍କ ଦ୍ୱାରା ପ୍ରତିନିଧିତ୍ୱ ହେଉଥିଲେ,

ଯେଉଁମାନେ ବାସ୍ତବରେ ସମ୍ପୃକ୍ତ ଫୌଜଦାରୀ ପୁନରୀକ୍ଷଣରେ ସୂଚନାଦାତା ରଣଜିତ ସିଂହଙ୍କ ବିଜ୍ଞ ଓକିଲ ଥିଲେ । ଆବେଦନଟିର ସଂକ୍ଷିପ୍ତ ଫଏସଲା ମଧ୍ୟ ଉପଯୁକ୍ତ ନୁହେଁ କାରଣ ବିଚାର କରୁଥିବା ନ୍ୟାୟାଳୟଙ୍କ ରାୟର ବୈଧତା ପ୍ରତି ସେମାନଙ୍କ ଆପତ୍ତିକୁ ଯଥାର୍ଥତା ପ୍ରତିପାଦନ କରିବାକୁ ଆବେଦନକାରୀମାନଙ୍କୁ କୌଣସି ସୁଯୋଗ ଦିଆଯାଇ ନଥିଲା ।

ଆମ୍ଭେ ଦେଖୁଛୁ ଯେ ଆବେଦନକାରୀମାନଙ୍କ ତରଫରୁ ବିଜ୍ଞ ଓକିଲଙ୍କ ଦ୍ୱାରା କରାଯାଇଥିବା ଯୁକ୍ତି ସଠିକ୍ ଅଟେ । ଆବେଦନକାରୀମାନଙ୍କ ମାମଲାକୁ ସ୍ୱାଧୀନ ଭାବରେ ଯାଞ୍ଚ କରାଯାଇ ନଥିଲା । କେବଳ ସୂଚନାଦାତାଙ୍କ ଦ୍ୱାରା ଦାୟର କରାଯାଇଥିବା ପୁନରୀକ୍ଷଣ ଆବେଦନ ଖାରଜ ହେବାଟା ଅଭିଯୁକ୍ତଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନର ଯୋଗ୍ୟତା ବିଷୟରେ ଆଲୋଚନା ନକରିବା ପାଇଁ ଏକ ଆଧାର ହୋଇପାରିବ ନାହିଁ । ଏକ ଫୌଜଦାରୀ ପୁନରୀକ୍ଷଣ ଆବେଦନର ହୁଏତ ଯୋଗ୍ୟତା ଥାଇନପାରେ; କିନ୍ତୁ ତାହା ଅଭିଯୁକ୍ତଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନକୁ ଯୋଗ୍ୟତା ବିହୀନ କରିନଥିଲା ।

କେବଳ ଉପରୋକ୍ତ ଆଧାରରେ, ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରୁଛୁ ଏବଂ ଯୋଗ୍ୟତା ଆଧାରରେ ଏକ ନୂତନ ବିଚାର ପାଇଁ ଉଚ୍ଚ ନ୍ୟାୟାଳୟଙ୍କୁ ପଠାଉଛୁ ।

ଆବେଦନକାରୀମାନଙ୍କ ତରଫରୁ ବିଜ୍ଞ ଓକିଲଙ୍କ ଦ୍ୱାରା ଏହା କୁହାଯାଇଛି ଯେ ଉଚ୍ଚ ନ୍ୟାୟାଳୟରେ ଆବେଦନଟିର ବିଚାରଧୀନତା ସମୟରେ ସେମାନେ ଜାମିନରେ ଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟିକୁ ଏହି ତଥ୍ୟ ଆଣିବା ଏବଂ ଆଇନରେ ଉପଲବ୍ଧ ଥିବା ମଧ୍ୟବର୍ତ୍ତୀକାଳୀନ ଆଦେଶ ମାଗିବା ସେମାନଙ୍କ ପାଇଁ ଉନ୍ମୁକ୍ତ ଅଟେ । ଯେହେତୁ ଏହି ଆବେଦନ 2000 ମସିହାର ଅଟେ, ତେଣୁ ଏହାର ଶୀଘ୍ର ସମାଧାନ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରାଯାଉଛି ।

ଉପରୋକ୍ତ ସୀମା ପର୍ଯ୍ୟନ୍ତ ଆବେଦନଗୁଡ଼ିକୁ ଅନୁମତି ଦିଆଯାଇଛି ।

ଆର୍. ପି. ଆବେଦନକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।